# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ଓ ସ୍ମୃତି ସମାବେଶ

## ପୁଣି ଜୋର୍ ଧରିଲା ପ୍ରବାଦପୁରୁଷଙ୍କୁ ଭାରତରତ୍ନ ଦାବି

## ୧୯୫୯ରେ ଯୋଡ଼ା-ବଡ଼ବିଲ ଲୌହଖଣି କ୍ଷେତ୍ରର ମୂଳଦୁଆ ପକାଇଥିଲେ







କେନ୍ଦୁଝର, ୧୭।୪(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳ ସମୟରେ ଥାନା ଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ କେନ୍ଦୁଝର ନଗର ଭବନଠାରେ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଚକ୍ରବର୍ତ୍ତୀ ପ୍ରବାଦ ପୁରୁଷଙ୍କ ଦେଶ ପାଇଁ ଉତ୍ସର୍ଗୀକୃତ ଅବଦାନ ସମ୍ପର୍କରେ ଆଲୋକପାତ କରି ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନରେ ତାଙ୍କ ସକ୍ରିୟ ଭୂମିକା ସମ୍ପର୍କରେ ମତ ଦେଇଥିଲେ। ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ସମାବେଶରେ ଅତିଥି ବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ସହକାରୀ ପ୍ରଫେସର ସୁଧାକର ଦାଶ, ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ଘଟଗାଁର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଚିତ୍ତରଞ୍ଜନ ମିଶ୍ର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ବୀରତ୍ୱ, ସାହସ ଓ ସ୍ୱାଭିମାନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମୃତି ସମାବେଶରେ ବିଜୁ ଜନତା ଦଳ ପୂର୍ବତନ ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବିଜେଡି ଜିଲ୍ଲା ମହିଳା ଶାଖା ସଭାପତି କମଳିନୀ ପାତ୍ର, କେନ୍ଦୁଝରଗଡ଼ ପୌର ପାଳିକାର ପୂର୍ବତନ ଅଧ୍ୟକ୍ଷ ପ୍ରଭଞ୍ଜନ ପଟ୍ଟନାୟକ, ମୀନା ମାଝୀ ବିଜୁ ପଟ୍ଟନାୟକଙ୍କ ଯୋଗୁଁ ଓଡ଼ିଶା ଅନ୍ତର୍ଜାତୀୟ ସ୍ତରରେ ପରିଚୟ ପାଇଛି ବୋଲି ପ୍ରକାଶ କରିଥିଲେ। ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, କେନ୍ଦୁଝର ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ଝୁମ୍ପୁରା ବ୍ଲକ ସଭାପତି ଡ଼ମ୍ବୁରୁଧର ଦାସ, ପୂର୍ବତନ ବରିଷ୍ଠ ନେତା ସତ୍ୟବ୍ରତ ନାଏକ, ରକ୍ଷାକର ସାହୁ, ହୃଦାନନ୍ଦ ପ୍ରଧାନ, ଅଜୟ ଘଡେଇ, ଘନଶ୍ୟାମ ବାରିକ, ଅରୁଣ ମନ୍ତ୍ରୀ, ମଳୟ ପଣ୍ଡା, ଧନୁ ମହାନ୍ତ, ମୁରଲୀ ମହାନ୍ତ, ଟୁକୁ ପଲେଇ, ଯୁବ ନେତା ଟିକିନା ବ୍ରହ୍ମ, ଦେବୁ ପଟ୍ଟନାୟକ, ଟିକୁ ପ୍ରଧାନ, ଜଗଦୀଶ ଆପଟ, ସୁନୀଲ ବାରିକ, ମୁନା ପାଣି, ବାବି ପଟ୍ଟନାୟକ, ରଞ୍ଜନ ବେହେରା, ସୁଶାନ୍ତ ପ୍ରଧାନ, ଅନାଦି ପ୍ରଧାନ, ବାସୁଦେବ ଜେନା, ସୁଶୀପ ସାହୁ, ଅଂଶୁମାନ ଚକ୍ରବର୍ତ୍ତୀ, ସଫିକ ଆନସାରୀ, ଲମ୍ବୋଦର ନାଏକ, ବୁବୁ ସାହୁ, ମହିଳା ନେତ୍ରୀ ପୁନମ କୁମାରୀ, ମଞ୍ଜୁଲତା ମହାନ୍ତି, ସଂଜୁଲତା ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଆନନ୍ଦପୁର: ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ବିଜେଡିରେ ନବୀନ ବାବୁଙ୍କ ସହିତ ରହିବେ ବୋଲି ବିଜୁ ବାବୁଙ୍କ ୨୯ତମ ଜୟନ୍ତୀ ଦିବସରେ ସଂକଳ୍ପ ନେଇଛନ୍ତି। ବିଜୁବାବୁଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ ପାଇଁ ଦାବି ପ୍ରକ୍ରିୟା ଜୋର୍‌ଦାର ହେବବୋଲି ସଭାରେ ମତପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ଆନନ୍ଦପୁର ମୁନିସିପାଲିଟି କଲ୍ୟାଣମଣ୍ଡପ ଠାରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠ ମୁଖ୍ୟଅତିଥି ଭାବେ ଦଳୀୟ କର୍ମୀମାନଙ୍କୁ ସଂଗଠିତ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲା ଜିଲ୍ଲା ବିଜେଡି ଯୁବ ସଭାପତି ରାକେଶ ରାମ, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ହାଟଡିହି ବ୍ଲକ ଅଧ୍ୟକ୍ଷ ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ସକାଳରେ ଆନନ୍ଦପୁର କଟେରିଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଯୁବ ବିଜେଡି ନେତା ଦେବପ୍ରିୟ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଏକଜୁଟ୍ ହୋଇ ନିଜର




ଶକ୍ତି ପ୍ରଦର୍ଶନ କରିଥିଲେ। ଦୀପ୍ତିରଂଜନ ଦାସ ଅମରେନ୍ଦ୍ର ଧଳ ମାର୍କଣ୍ଡ ଓଝା ସୁରଥ ବେହେରା ବୈଦନାଥ ସାମଲ ବାଞ୍ଛାନିଧି ସାହୁ ରାମଚନ୍ଦ୍ର ଶତପଥୀ କାମ୍ପାଳ ନାୟକ ହରପ୍ରସାଦ ଧଳ ରାମଚନ୍ଦ୍ର ପଲେଇ ସୁଧାକର ରାଉତ ରମାକାନ୍ତ ଘଡେଇ ସନାତନ ଘଡେଇ ସୁରେନ୍ଦ୍ର ଦାସ ବିମଳ ଜେନା ଅଜୟ ସାହୁ ମନରଞ୍ଜନ ସାହୁ ତୋଫାନ ସାହୁ ଦେବାଶିଷ ରାମ ବାପି ବେହେରା ଶୁଭ୍ରଜୀତ ରାମ ସହଯୋଗ କରିଥିଲେ।

ଯୋଡ଼ା: ନବଓଡ଼ିଶା ଗଠନର ମୁଖ୍ୟ ନାୟକ ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ଯୋଡ଼ା-ବଡ଼ବିଲ ଅଞ୍ଚଳ ପ୍ରତି ଅନେକ ଅବଦାନ ରହିଛି। ୧୯୫୯ ମସିହାରେ ସେ ବଡ଼ବିଲ ପୌରାଞ୍ଚଳ ମାଟକାମବେଡାଠାରେ କଳିଙ୍ଗ ଲୌହ କାରଖାନା ସ୍ଥାପନ କରି ଯୋଡ଼ା-ବଡ଼ବିଲ ଅଞ୍ଚଳକୁ ସମଗ୍ର ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ। ଯୋଡ଼ା ଖଣି ଅଞ୍ଚଳବାସୀ ବିଜୁବାବୁଙ୍କ ସହିତ ଜଡିତ ଥିବା ବେଳେ ବଡ଼ବିଲ ବିଜୁ ଜନତା ଦଳ ପକ୍ଷରୁ ତାଙ୍କ ତିରୋଧାନ ଦିବସକୁ ବିନମ୍ର ଭବେ ପାଳନ କରାଯାଇଛି। ସମାଜସେବୀ ବିଜୟ ମହାନ୍ତିଙ୍କ ନେତୃତ୍ୱରେ ବଡ଼ବିଲ ପୌରାଞ୍ଚଳ କଳିଙ୍ଗ ନଗର ଓ ଭଦ୍ରାସାହି ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ବଡ଼ବିଲ ରୁଙ୍ଗଟା ଟାଉନ ହଲଠାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭାରେ ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ମୁଖ୍ୟଅତିଥି, ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଯୋଡ଼ା ବ୍ଲକ ଅଧ୍ୟକ୍ଷ କେଦାରନାଥ ନାଏକ, ବଡ଼ବିଲ ପୌର ଉପାଧ୍ୟକ୍ଷା ସରସ୍ୱତୀ ନାଏକ, ଯୋଡ଼ା ପୌରାଧ୍ୟକ୍ଷ ସନ୍ଧ୍ୟାରାଣୀ ପାତ୍ର, ନିରଞ୍ଜନ ବହିଦାର, ପ୍ରଭୁଦତ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଗୁରୁପ୍ରସାଦ ମହାନ୍ତି, ପ୍ରଭୁଦତ୍ତ ପ୍ରଧାନ, ସୁନୀଲ ଗୁପ୍ତା ପ୍ରମୁଖ ସମସ୍ତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିବା ବେଳେ ପୂର୍ବତନ ବଡ଼ବିଲ ମଣ୍ଡଳ ସଭାପତି ପ୍ରଶାନ୍ତ ସାହୁ, ହେମନ୍ତ ସହାୟ, ପୀତବାସ ମହାକୁଡ଼, ମନିନ୍ଦର ସିଂ, କେଦାରନାଥ ବେହେରା, କାବୁ ଜେନା, ଗୋଲୋକ ଓରାମ, ରମେଶ ବେହେରା, ଧିରେନ ମହାନ୍ତ, ଚନ୍ଦନ ମହାନ୍ତ ସହଯୋଗ କରିଥିଲେ। ଯୋଡ଼ା ଓ ବଡ଼ବିଲ ପୌରାଞ୍ଚଳର ୱାର୍ଡ କାଉନସିଲର, ବରିଷ୍ଠ ନାଗରିକ, ସମାଜସେବୀ ଓ ୫ ଶହରୁ ଉର୍ଦ୍ଧ୍ୱ ବିଜୁପ୍ରେମୀ ସାମିଲ ହୋଇଥିଲେ।




ତୁରୁମୁଙ୍ଗା: ପାଟଣା ବ୍ଲକ ରାଜନଗର ମଠରେ ଶୁକ୍ରବାର ପାଟଣା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ମହାନ ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜଦେଓ, ବସନ୍ତ ମିଶ୍ର, ଶତ୍ରୁଘ୍ନ ସିଂ, ବରିଷ୍ଠ ନେତା ସତ୍ୟବ୍ରତ ନାଏକ, ସାହାରପଡ଼ା ବ୍ଲକ ସଭାପତି ଦିଲ୍ଲୀପ କୁମାର ସାହୁ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ପୂର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ, ୨୩ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ଅଜୟ ପଟ୍ଟନାୟକ, ପୂର୍ବତନ ତେଣ୍ଡରା ସରପଞ୍ଚ ରାଜ ବଲ୍ଲଭ ଦେହୁରୀ, କପୁଣ୍ଡି ସମିତିସଭ୍ୟ ବିଜୟ କୁମାର ପଇଦା, ଜାଳି ଗ୍ରାମପଞ୍ଚାୟତର ସମିତିସଭ୍ୟ ଭୁବନେଶ୍ୱର ମହାନ୍ତ, ଅଯୋଧ୍ୟା ନାଏକଙ୍କ ସହ ଶତାଧିକ କର୍ମୀ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ୧୮ ନଂ ଜୋନ୍ ସଭାପତି ଯଦୁମଣି ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସାହାରପଡ଼ା ପଞ୍ଚାୟତର ମଞ୍ଜୁ ଓରାମ ଓ ୨୩ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ ରାଜ୍ୟ ମହିଳା ଦଳର ବିଜୁ ଜନତା ଦଳର ସମ୍ପାଦିକା ଭାବେ ନିଯୁକ୍ତି ପାଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ ବିଚଳିତ ନକରି ଲଢେଇ କରି ୨୦୨୭ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଦଳକୁ ବିଜୟୀ କରିବାକୁ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ନିଜ ଅଭିଭାଷଣରେ କର୍ମକର୍ତ୍ତାଙ୍କୁ କହିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକଙ୍କ ଦେଶସେବା, ସାହସିକତା ଓ




ଜନସେବାକୁ ସମ୍ମାନ ଦେଇ ତାଙ୍କୁ 'ଭାରତ ରତ୍ନ' ସମ୍ମାନ ପ୍ରଦାନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାବି କରାଯାଇଥିଲା।

ତେଲକୋଇ: ତେଲକୋଇ ନିର୍ବାଚନମଣ୍ଡଳୀର ବାଂଶପାଳ ବ୍ଲକ ଦାନଗଦିଠାରେ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ପ୍ରଥମେ ପାଉଁରୁଟି, ଫଳ ଓ କ୍ଷୀର ପ୍ରଦାନ କରାଯାଇଥିବା ବେଳେ ବିଜୁ ଜନତା ଦଳର ସୁଦକ୍ଷ ବିଦ୍ଧାଣି ଧନୁର୍ଜୟ ସିଦ୍ଧୁ ରୋଗୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବହୁ ବିଜେଡ଼ି କର୍ମୀ ସାମିଲ ହୋଇଥିଲେ। ବାଂଶପାଳରେ ଥିବା ଧରଣୀଧର ଭୂୟାଁଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଏକ ବିରାଟ ଶୋଭାଯାତ୍ରାରେ ଦାନଗଦିଠାରେ ଆୟୋଜିତ ହୋଇଥିଲା। ବାଂଶପାଳ ବ୍ଲକର ବିଜୁ ଜନତା ଦଳର ସଭାପତି ଯଦୁମଣି ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ତଥା ବିଜେଡ଼ି ସାଧାରଣ ସଂପାଦକ ଧନୁର୍ଜୟ ସିଦ୍ଧୁ, ସମ୍ମାନିତ ଅତିଥି ତେଲକୋଇ ବ୍ଲକ ବିଜୁ ଜନତା ଦଳର ସଭାପତି ନାରଣ ନାଏକ, ତେଲକୋଇ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ହରିଚନ୍ଦନପୁର ବ୍ଲକ ଅଧ୍ୟକ୍ଷ ସୁନେଲି ବାଇକ୍, ବାଂଶପାଳ ବ୍ଲକର ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ୨୫ନଂ




ଜୋନ ଜିଲ୍ଲା ପରିଷଦ ସଭ୍ୟ ଅରୁଣ ବାରିକ, ବାଂଶପାଳ ବ୍ଲକର ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସଏ, ତେଲକୋଇ ବ୍ଲକ ଯୁବ ବିଜେଡ଼ି ସଭାପତି କୌନଜ ବିଶ୍ୱାଳ, ବାଂଶପାଳ ବ୍ଲକ ବିଜୁ ଜନତା ଦଳର ଆଗ ଧାଡ଼ିର ସେବକ ଅନାଦି ଚରଣ ବାରିକ ସମେତ ବରିଷ୍ଠ ବିଜେଡ଼ି କର୍ମୀ ମାନେ ସାମିଲ ରହିଥିଲେ।

## ଗରିବ ସେବା ସଦନ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା

ଆନନ୍ଦପୁର, ୧୭।୪ (ସମିସ): କେନ୍ଦୁଝର ଜିଲ୍ଲାର ଶାଳପଡ଼ାସ୍ଥିତ ପୁରାତନ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗରିବ ସେବା ସଦନ ସଦାସର୍ବଦା



ଚର୍ଚ୍ଚାରେ। ବିଶେଷ ଭାବରେ ନିସ୍ପେଷିତ ଦୁଃଖୀଦରିଦ୍ରଙ୍କ ମୁଖରେ ଟିକିଏ ହସ ଫୁଟାଇ ଦୁଃଖ ସମୟରେ ସେମାନଙ୍କ ପାଖରେ ଠିଆ ହେବାର ଦାୟିତ୍ୱ ପାଳନ କରିଥାଏ। ଆଜି ସେହିଭଳି ଏକ ଅଭାବନୀୟ ଘଟଣା ଘଟିଛି ବଳରାମପୁର ପଞ୍ଚାୟତ ନଦୁଆଁ ଚଅଁମୁହିଁ କଲୋନୀ ସାହିରେ। ଦିନ ମଜୁରିଆ କାଳିଆ ଖଟୁଆଙ୍କ ୨୬ ବର୍ଷର ଖଟିଖିଆ ପୁଅ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ନିଜର ୨୨ ବର୍ଷର ସ୍ତ୍ରୀ ଓ ଦୁଇ ବର୍ଷର ଝିଅକୁ ଛାଡି ଚାଲି ଯାଇଛନ୍ତି। ଖବର ପାଇ ଗରିବ ସେବା ସଦନର ପ୍ରତିଷ୍ଠାତା ସଭାପତି ତଥା ସମାଜସେବୀ ଡ଼ଃ ଶମ୍ଭୁନାଥ ରାଉତ ଓ ସେବା ସଦନର କାର୍ଯ୍ୟକର୍ତ୍ତା ଶୋକାକୁଳ ପରିବାରକୁ ସମବେଦନା ଜଣାଇ ଶୁଦ୍ଧିକ୍ରିୟା ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ସରକାରଙ୍କ ତରଫରୁ ଦିଆଯାଉଥିବା ବିଧବା ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା ଭଳି ଗରିବ କଲ୍ୟାଣ ଯୋଜନାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଡ଼ଃ ରାଉତ ନିର୍ଭର ପ୍ରତିଶୃତି ଦେଇଥିଲେ। ଏଥିରେ ଗରିବ ସେବା ସଦନର ସଦସ୍ୟ ସୁଧାଂଶୁ ବିଶ୍ୱାଳ, ରଞ୍ଜନ ସାହୁ, କାମପାଳ ଓଝା, ରସିକ ଜେନା, ହିରୁ ଦେହୁରୀ, ନବଘନ ଦେହୁରୀ, ତପନ ଧିର, କରୁଣା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା କାଠ ବୋଝେଇ ଭ୍ୟାନ୍ ଜବତ

ତୁରୁମୁଙ୍ଗା, ୧୭।୪(ସମିସ): ପାଟଣା ରେଞ୍ଜ ପୋଇପାଣି ବିଟ୍ କାଠବାରୀ ଗ୍ରାମ୍ୟ ଜଙ୍ଗଲ ଭିତରୁ ମାଫିଆମାନେ ଆକାଶିଆ ଗଛଗୁଡ଼ିକୁ ମେସିନରେ କାଟି ଗାଡି ଯୋଗେ ଚୋରା ଚାଲାଣ କରୁଥିବା ସମୟରେ ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ଚଢ଼ଉ କରି ଏକ ଆକାଶିଆ କାଠ ବୋଝେଇ ପିକ୍ ଅପ୍ ଭ୍ୟାନକୁ ଜବତ କରିଛି। ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର ନେତୃତ୍ୱରେ ଏହି ଚଢଉରେ ପାଟଣା ବନପାଳ ନିରଞ୍ଜନ ସେଠୀ, ପୋଇପାଣି ବନରକ୍ଷୀ ରାଜେଶ ଜେନା ସମେତ ପାରାଷ୍ଟାଫ ସାମିଲ ଥିଲେ। ଜବତ ଗାଡିକୁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିବା ବେଳେ ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ତୁରୁମୁଙ୍ଗା, ୧୭।୪(ସମିସ): ତୁରୁମୁଙ୍ଗା ଗିରିଜା ଶଙ୍କର ମନ୍ଦିର ପ୍ରାଙ୍ଗଣରେ ମହାବିଷୁବ ପଣା ସଂକ୍ରାନ୍ତି ଦିନଠାରୁ ଆରମ୍ଭ ହୋଇଥିବା ଚବିଶ ପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶହ ଶହ ଭକ୍ତଙ୍କ ଉପସ୍ଥିତିରେ ହରିବୋଲ ହୁଳହୁଳି ଧ୍ୱନି ସହ ରାଧାକୃଷ୍ଣ ହୋଲି ଖେଳିବା ସହ ଦଧିହାଣ୍ଡି ଭାଙ୍ଗି ଘଟ ବିସର୍ଜନ କରିଥିଲେ। ପୂଜକ ଅରୁଣ ମିଶ୍ର ଓ ଜିତେନ୍ଦ୍ର ମିଶ୍ର ଚବିଶ ପ୍ରହର ଯଜ୍ଞ କାର୍ଯ୍ୟ କରିଥିବା ବେଳେ ସେବାୟତ ମଙ୍ଗଲୁ ନାଏକ ସହାୟତା କରିଥିଲେ। ଗୌତମ ସାହୁ ସଂକଳ୍ପ କାର୍ଯ୍ୟ ତୁଲାଇଥଲେ। ନାମଯଜ୍ଞରେ ବେଙ୍ଗଲର ବ୍ରାହ୍ମଣ କୋଳ, ବରଗଡ, ଝିନେଇଁ ବାରିପଦାର ନୂଆଗାଁ, ଖଡିଆଶୁଳି ଏବଂ ଲୁଙ୍ଗା ସଙ୍କୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଆନନ୍ଦପୁର ବଡ଼ଦାଣ୍ଡରେ ଖୋଲିଲା ଜଳଛତ୍ର

ଆନନ୍ଦପୁର, ୧୭।୪ (ସମିସ): ଆନନ୍ଦପୁର ପୌରପାଳିକା ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ



ବିଭିନ୍ନ ୱାର୍ଡରେ ଜନସାଧାରଣଙ୍କ ପାଇଁ ଖୋଲାଯାଇଥିବା ଜଳଛତ୍ରକୁ ଆଜି ୬ ନମ୍ବର ୱାର୍ଡର ବଡ଼ଦାଣ୍ଡଠାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଉଦଘାଟନ କରିଛନ୍ତି। ବିଜେଡି ଯୁବନେତା ସତ୍ୟବ୍ରତ ରାମଙ୍କ ସଂଯୋଜନାରେ ବିଧାୟକ ଶ୍ରୀ ସେଠୀଙ୍କ ସମେତ କେନ୍ଦୁଝର ଜିଲ୍ଲପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ହାଟଡିହି ବ୍ଲକ ଅଧ୍ୟକ୍ଷ ସାବିତ୍ରୀ ସେଠୀ, ଜିଲ୍ଲା ବିଜେଡି ଯୁବ ସଭାପତି ରାକେଶ ରାମ, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ହାଟଡିହି ବ୍ଲକ ଅଧ୍ୟକ୍ଷ ସାବିତ୍ରୀ ସେଠୀ, ଦୀପ୍ତିରଂଜନ ଦାସ, ଅମରେନ୍ଦ୍ର ଧଳ, ରାମଚନ୍ଦ୍ର ପଲେଇ, ସୁଧାକର ରାଉତ ରମାକାନ୍ତ ଘଡେଇ ସନାତନ ଘଡେଇ ସୁରେନ୍ଦ୍ର ଦାସ ବିମଳ ଜେନା ଅଜୟ ସାହୁ ମନରଞ୍ଜନ ସାହୁ ତୋଫାନ ସାହୁ ଦେବାଶିଷ ରାମ ବାପି ବେହେରା ଶୁଭ୍ରଜୀତ ରାମ ପ୍ରମୁଖ ଯୋଗ ଦେଇଥିଲେ।

## ବାଲିପୋଷିରେ ଭାଗବତ ଉତ୍ସବ

ଚମ୍ପୁଆ, ୧୭।୪(ସମିସ): ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତ ବାଲିପୋଷିରେ ୩ୟ ଭାଗବତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ମୋହନ ଚରଣ ନାଏକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଦିବାକର ମହାନ୍ତ ଓ ପାଲା ଗାୟକ ତୁଳସୀରାମ ମହାନ୍ତ, ମୁଖ୍ୟବକ୍ତା




ଭାବେ ପ୍ରବଚକ, ଭାବଗ୍ରାହୀ ମହାନ୍ତ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଦଶରଥ ମହାନ୍ତ। ବାର୍ଷିକ ବିବରଣୀ ପାଠ କରିଥିଲେ ସୁଦର୍ଶନ ମହାନ୍ତ। କାର୍ଯ୍ୟକ୍ରମରେ ବାଲିପୋଶି ଗ୍ରାମବାସୀ, ପତୁଆ, ଟାଙ୍ଗରନାଳି, ଭୀମପୁର, ନିଶା ଗୋଡ଼ିଆ ଅଞ୍ଚଳର ବହୁ ଭାଗବତପ୍ରେମୀ ଯୋଗ ଦେଇଥିଲେ।



